To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

ସକାଳ
S A K A L A

ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

ମଙ୍ଗଳକୁ ମାନବ ପଠାଇବା ପୂର୍ବରୁ ନାସା ଉତକ୍ଷେପଣ କଲା ଲେଣ୍ଡର ସ୍ପେସକ୍ରାଫ୍ଟ ଇନସାଇଟ୍ ।

R.N.I. No.-42041/83 Vol-15, Issue No.303, ଭଦ୍ରକ, ବୁଧବାର, ୯, ମଇ ୨୦୧୮ ■ Bhadrak, Wednesday, 9 May 2018 Rs. 2.00 Pages-8

ହଁ, ମୁଁ ପ୍ରଧାନମନ୍ତ୍ରୀ ହେବି : ରାହୁଲ

ପ୍ରଥମ ଥର ପାଇଁ ପ୍ରଧାନମନ୍ତ୍ରୀ ହେବାର ଅଭିଳାଷ ରହିଛି ବୋଲି ସର୍ବସାଧାରଣରେ ଘୋଷଣା କରିଛନ୍ତି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧି । ୨୦୧୯ ନିର୍ବାଚନରେ ଯଦି କଂଗ୍ରେସ ସବୁଠାରୁ ବଡ ଦଳ ଭାବେ ଉଭା ହୁଏ, ତେବେ ସେ ପ୍ରଧାନମନ୍ତ୍ରୀ ହେବେ ବୋଲି ରାହୁଲ ଏକ ପ୍ରଶ୍ନର ଉତରରେ କହିଛନ୍ତି । ଏଥିସହ ୨୦୧୯ରେ ବିଜେପି ହାରିବ ଏବଂ ମୋଦି ମଧ ବାରାଣସୀରୁ ହାରିବେ ବୋଲି କହିଛନ୍ତି ରାହୁଲ । ଦେଶର ସବୁଠାରୁ ପୁରୁଣା, ୧୨୫ ବର୍ଷର କଂଗ୍ରେସ ପାର୍ଟିର ଅଧ୍ୟକ୍ଷ

କାହାକୁ ଦିବାସ୍ୱପ୍ନ ଦେଖିବା ମନା ନାହିଁ : ବିଜେପି

ଦାୟିତ୍ୱ ନେବା ପରେ କର୍ଣ୍ଣାଟକ ନିର୍ବାଚନ, ରାହୁଲ ଗାନ୍ଧିଙ୍କ ପାଇଁ ଏସିଡ୍ ଟେଷ୍ଟ ହେବାକୁ ଯାଉଛି । ଏବଂ ମୋଦି ଭଳି ଜଣେ ଲୋକପ୍ରିୟ ନେତାଙ୍କୁ ମୁକାବିଲା କରି ରାହୁଲ ଗାନ୍ଧି ଏହି ଟେଷ୍ଟ ଦେବାକୁ ଯାଉଛନ୍ତି । ଯାହା ତାଙ୍କ ପାଇଁ ସେତେ ସହଜ ବି ନୁହେଁ । ତେବେ ଏସବୁ ଭିତରେ ରାହୁଲଙ୍କ ଏହି ବୟାନ ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ସୂଚନା ମୁତାବକ, କର୍ଣ୍ଣାଟକରେ ସମୃଦ୍ଧ ଭାରତ ନାମକ କଂଗ୍ରେସର ଏକ ଆଲୋଚନା ଭିତ୍ତିକ କାର୍ଯ୍ୟକ୍ରମରେ ପ୍ରଥମ ଥର ପାଇଁ ପ୍ରଧାନମନ୍ତ୍ରୀ ହେବାକୁ ଇଚ୍ଛା ପ୍ରକାଶ କରିଛନ୍ତି ରାହୁଲ ଗାନ୍ଧି । ପ୍ରଧାନମନ୍ତ୍ରୀ ପଦକୁ ନେଇ ତାଙ୍କୁ ପଚରାଯାଇଥିବା ଏକ ପ୍ରଶ୍ନର ଉତ୍ତର ଦେଇ ସେ କହିଛନ୍ତି ଯେ, ୨୦୧୯ ନିର୍ବାଚନରେ କଂଗ୍ରେସ ଯଦି ସବୁଠାରୁ ବଡ ଦଳ ହୋଇ ଉଭା ହୁଏ ତେବେ, ସେ ପ୍ରଧାନମନ୍ତ୍ରୀ ହେବେ । ଏହି କାର୍ଯ୍ୟକ୍ରମରେ ରାହୁଲ ଦୃଢୋକ୍ତି ପ୍ରକାଶ କରି କହିଛନ୍ତି, ୨୦୧୯ରେ ବିଜେପି ହାରିବାକୁ ଯାଉଛି ଏବଂ ପ୍ରଧାନମନ୍ତ୍ରୀ ମୋଦି ମଧ୍ୟ ନିଜ ନିର୍ବାଚନ ମଣ୍ଡଳୀରୁ ହାରିବେ । ଉତରପ୍ରଦେଶର ଦୁଇଟି ଉପନିର୍ବାଚନ ଏହା ସୂଚାଉଛି ବୋଲି କହିଛନ୍ତି ରାହୁଲ । କର୍ଣ୍ଣାଟକ ବିଧାନସଭା ନିର୍ବାଚନକୁ ଆଉ ମାତ୍ର ୩ ଦିନ ଥିବା ବେଳେ ବିଜେପି ଓ ମୋଦିଙ୍କୁ ଟାର୍ଗେଟ୍ ଜାରି ରଖିଛନ୍ତି ରାହୁଲ । ଦୁର୍ନୀତି ବିରୋଧୀ ନାରା ଦେଉଥିବା ମୋଦି, କର୍ଣ୍ଣାଟକର ସବୁଠୁ ଦୁର୍ନୀତିଗ୍ରସ୍ତ ନେତା, ୟେଦୁରପ୍ପାଙ୍କୁ କିଭଳି ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କରିଛନ୍ତି ବୋଲି ପ୍ରଶ୍ନ କରିଛନ୍ତି ରାହୁଲ । ଆଉ ସେପଟେ ପ୍ରଧାନମନ୍ତ୍ରୀ ମୋଦି ବି କଂଗ୍ରେସ ଉପରେ ଜୋରଦାର ପ୍ରହାର କରିଛନ୍ତି । କର୍ଣ୍ଣାଟକ କୁରୁକ୍ଷେତ୍ର ୨୦୧୯ ନିର୍ବାଚନ ପୂର୍ବରୁ ଏକ ବଡ ସଙ୍କେତ ଦେବାକୁ ଯାଉଛି । ସେହି ସଙ୍କେତ ହେଉଛି, ସବୁଠାରୁ ବଡ ସାଧାରଣ ନିର୍ବାଚନ ପୂର୍ବରୁ ଜନତା କାହା ଆଡକୁ ଢଳୁଛନ୍ତି । ତେବେ ରାହୁଲଙ୍କୁ ଜବାବ ଦେବାକୁ ଯାଇ ବିଜେପି କହିଛି **(ପୃଷ୍ଠା-୭)**

ପୁଣି ବାଜିମାରିନେଲା ଓଡ଼ିଶା

- ■ ଦକ୍ଷତା ବିକାଶରେ ଓଡ଼ିଶାକୁ ପ୍ରଧାନମନ୍ତ୍ରୀ ପୁରସ୍କାର
- ■ ଓଡ଼ିଶା ପ୍ରଥମ, କେରଳ ଦ୍ୱିତୀୟ, ଆନ୍ଧ୍ର ତୃତୀୟ

ଭୁବନେଶ୍ୱର, ୮।୫ (ସକାଳ ଖବର): ଦକ୍ଷତା ବିକାଶ କ୍ଷେତ୍ରରେ ଉତ୍କର୍ଷତା ପାଇଁ ଚଳିତ ବର୍ଷ ଲାଗି ଶ୍ରେଷ୍ଠ ରାଜ୍ୟ ଭାବେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପୁରସ୍କୃତ ହୋଇଥିବା ୩ଟି ରାଜ୍ୟ ମଧ୍ୟରୁ ଓଡିଶା ପ୍ରଥମ ସ୍ଥାନରେ ରହିଛି । ଏହି ପୁରସ୍କାରକୁ ପଂଚାୟତରାଜ ବିଭାଗର ଓରମାସ୍ ସଂସ୍ଥାକୁ ମୁଖ୍ୟମନ୍ତ୍ରୀ ପ୍ରଦାନ କରିଛନ୍ତି ବୋଲି ପଂଚାୟତରାଜ ବିଭାଗ ମନ୍ତ୍ରୀ ପ୍ରଦୀପ ମହାରଥୀ ପ୍ରକାଶ କରିଛନ୍ତି । ମଙ୍ଗଳବାର ଦିନ ସଚିବାଳୟ ଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମହାରଥୀ କହିଥିଲେ ଯେ ଏହି ପୁରସ୍କାର ପାଇବା ରାଜ୍ୟ ପାଇଁ ଗର୍ବର ବିଷୟ। କ୍ରମାଗତ ଭାବେ ଦ୍ୱିତୀୟ ଥର ଲାଗି ଓଡିଶା ଏହି ପୁରସ୍କାର ପାଇଛି। ଗୋଷ୍ଠୀ ପଦାଧିକାରୀ ଓ ତୃଣମୂଳ ସ୍ତରରେ କର୍ଯ୍ୟକର୍ତାଙ୍କୁ ଏକଜୁଟ୍ କରି ସଫଳତାର ସହ କାର୍ଯ୍ୟ କରାଇବାରେ ଓଡିଶା ହେଉଛି ପ୍ରଥମ ରାଜ୍ୟ। ଓଡିଶା ପ୍ରଥମ ରାଜ୍ୟ ଭାବେ ଆନ୍ତର୍ଜାତୀୟ ସାର୍ଟିଫିକେସନ୍ ମାଧ୍ୟମରେ ଟିଓଟି (ତାଲିମ ଦାତାଙ୍କ ତାଲିମ)ର ଶୁଭାରମ୍ଭ କରିଛି। ନିଯୁକ୍ତି ସମ୍ପର୍କିତ ସହାୟତା ପାଇଁ ମାଇଗ୍ରେସନ୍ ସେଂଟର ପ୍ରତିଷ୍ଠା କରିବା , ଆଲୁମିନି ମିଟ୍ ର ଆୟୋଜନ , ଡିଡିୟୁ-ଜିକେୱାଇ ଆଲୁମିନିଙ୍କ ପାଇଁ ୱେବ୍ ପ୍ଲାଟଫର୍ମ ସୃଷ୍ଟି କରିବା ଏବଂ ଶ୍ରେଷ୍ଠ କର୍ପୋରେଟ୍ ସଂସ୍ଥାକୁ ତାଲିମ୍ ସହାୟକ ଭାବେ ନିୟୋଜିତ କରିବାକୁ ନିଯୁକ୍ତି ଦାତା ବୈଠକର ଆୟୋଜନ କରିବାରେ ଓଡିଶା ହେଉଛି ପ୍ରଥମ ରାଜ୍ୟ। ୨୦୧୬-୧୭ ଆର୍ଥିକ ବର୍ଷରେ ଦେଶରେ ପ୍ରଥମ କରି ଆରମ୍ଭ ହୋଇଥିବା ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଡିଡିୟୁ-ଜିକେୱାଇକୁ ସାମଗ୍ରିକ ଭାବେ ସଫଳତାର ସହିତ କାର୍ଯ୍ୟକାରୀ କରିଥିବାରୁ ଗତ ବର୍ଷ କେନ୍ଦ୍ର ସରକାର ଓରମାସ୍ କୁ ଦେଶର ଏକ ନମ୍ବର ରାଜ୍ୟ ଭାବେ ସମ୍ବର୍ଦ୍ଧିତ କରିଥିଲେ। ଚଳିତ ବର୍ଷ ମଧ୍ୟ କଠିନ **(ପୃଷ୍ଠା-୭)**

୭ ଜିଲ୍ଲାରେ କାଳବୈଶାଖୀ ସମ୍ଭାବନା

ଭୁବନେଶ୍ୱର, ୮।୫ (ସକାଳ ଖବର): ରାଜ୍ୟର ୭ଟି ଜିଲ୍ଲାରେ କାଳବୈଶାଖୀ ପ୍ରଭାବରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବା ନେଇ ଆଂଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଏହି ଜିଲ୍ଲା ଗୁଡିକ ହେଲା ନୂଆପଡା , ବଲାଙ୍ଗୀର , କନ୍ଧମାଳ , ରାୟଗଡା , ଗଜପତି , ଗଂଜାମ ଓ ନୟାଗଡ। କାଳବୈଶାଖୀ ଯୋଗୁଁ ବଜ୍ରପାତ ସହ କୁଆପଥର ବର୍ଷା ହେବାର ଆଶଙ୍କା ରହିଛି। ସେହିପରି ଘଂଟାକୁ ୫୦ରୁ ୬୦ କିମି ବେଗରେ ପବନ ବୋହିପାରେ। ତେଣୁ ଏହି ଜିଲ୍ଲାର ଲୋକମାନଙ୍କୁ ସଂଧ୍ୟା ୭ଟା ୧୫ ମଧ୍ୟରେ ଘରୁ ନବାହରିବା ପାଇଁ ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରୀ କରାଯାଇଛି।

ନାତୁଣୀ ବୟସର ଝିଅ ସହ ଦୁଷ୍କର୍ମ

ପୁରୀ,୮।୫ (ସକାଳ ଖବର): ସୀମା ଟପିଲା ବର୍ବରତା । ରାଜ୍ୟରେ ଦିନକୁ ଦିନ ବୃଦ୍ଧି ପାଉଥିବା ଦୁଷ୍କର୍ମ ମାମଲା କର୍କଟ ଭଳି କାୟା ବିସ୍ତାର କରିଚାଲିଛି । ସେ ନାବାଳିକା ହେଉ ଅବା ଛୋଟ ଝିଅ, କେହି ବି ବର୍ତ୍ତି ପାରୁନାହାନ୍ତି ପିଶାଚଙ୍କ କବଳରୁ । ଆଜି ଜଣେ କାମାନ୍ଧ ବୃଦ୍ଧ ନିଜର ବୟସକୁ ଭୁଲି ନିଜ ନାତୁଣୀ ବୟସର ଜଣେ ଭିନ୍ନକ୍ଷମ ନାବାଳିକାଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି । ସୂଚନାନୁଯାୟୀ ଜଣେ ୬୦ ବର୍ଷର ବୃଦ୍ଧ ଜଣେ ୯ ବର୍ଷୀୟା ନାବାଳିକାକୁ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି । ଏପରି ଏକ ଲଜ୍ଜାଜନକ ଘଟଣା ଘଟିଛି ପୁରୀ ଜିଲ୍ଲା ବ୍ରହ୍ମଗିରି ଅଞ୍ଚଳରେ । ନାବାଳିକା ଜଣକ ମାନସୀକ ଭାବେ ଅନଗ୍ରସର ଥିବା ଜଣାପଡିଛି । କୋମଳମତି ବାଳିକାଟିର ସରଳତାର ସୁଯୋଗ ନେଇ ବୃଦ୍ଧ ଜଣକ ଏପରି କରିଥିବା କୁହାଯାଉଛି । ଏନେଇ ପୀଡିତାଙ୍କ ପିତା ବ୍ରହ୍ମଗିରି ଥାନାରେ ଅଭିଯୋଗ କରିଛନ୍ତି ।



ବିବାହ ବନ୍ଧନରେ ଆବଦ୍ଧ ହେଲେ ସୋନମ୍ କପୁର-ଆନନ୍ଦ ଆହୁଜା

ଡବଲ୍ ଝଟକା !

ବମିଖାଲ ପରେ ଜଟଣୀ ଓଭରବ୍ରିଜ୍ ଖୋଳତାଡ଼

ଭୁବନେଶ୍ୱର , ମେ ୮(ଖବର ଓଡ଼ିଶା): ନିର୍ମାଣାଧୀନ ବମିଖାଲ ଓଭରବ୍ରିଜ୍ ପୁନଃ ଭୁଷୁଡିବା ଘଟଣା ପରେ ଠିକା ସଂସ୍ଥା ପଣ୍ଡା ଇନଫ୍ରା କମ୍ପାନୀକୁ ଶକ୍ତ ଝଟକା ଲାଗିଛି । ବର୍ତ୍ତମାନ ଆଇନର ବୁଢିଆଣୀ ଜାଲ ଭିତରେ ପଣ୍ଡା ଇନଫ୍ରା ଛନ୍ଦି ହୋଇଯାଇଥିବା ଦେଖାଯାଉଛି । ବମିଖାଲ ପରେ ଏବେ ଏହି ଠିକା ସଂସ୍ଥା ଅଧୀନରେ ଜଟଣୀରେ ଚାଲୁଥିବା ନିର୍ମାଣାଧୀନ ବ୍ରିଜ୍ ଉପରେ ଭିଜିଲାନ୍ସର ନଜର ପଡ଼ିଛି । ବ୍ରିଜରେ ନିମ୍ନ ମାନର କାମ ଅଭିଯୋଗ ପରେ ଏହାର ଖୋଳତାଡ ଆରମ୍ଭ କରିଛି ଭିଜିଲାନ୍ସ । ମଙ୍ଗଳବାର ଜଟଣୀ ବ୍ୟବସାୟୀ ମହାସଂଘର ସଦସ୍ୟଙ୍କୁ ଡାକି ଭିଜିଲାନ୍ସ ଟିମ୍ ତନାଘନା ଆରମ୍ଭ କରିଛି । ମହାସଂଘ ପାଖରୁ ବ୍ରିଜର ପାଖରେ ଲାଗିଥିବା ସିସିଟିଭି ହାର୍ଡଡିସ୍କକୁ କଲେକ୍ଟ କରିବା ସହ ପରୀକ୍ଷା ପାଇଁ ଏହାକୁ ରାଜ୍ୟ **(ପୃଷ୍ଠା-୭)**

୧୦ ଜଣଙ୍କ ନାମରେ ଏତଲା

ଭୁବନେଶ୍ୱର, ୮।୫ (ସକାଳ ଖବର): ବମିଖାଲ ଓଭରବ୍ରିଜ୍ ଭୁଷୁଡିବା ଘଟଣାରେ ପୋଲିସ୍ ପକ୍ଷରୁ ରୁଜୁ ହୋଇଥିବା ମାମଲାରେ ବ୍ରିଜ୍ ନିର୍ମାଣକାରୀ ଠିକାଦାର ସଂସ୍ଥା ପଣ୍ଡା ଇନଫ୍ରା ପ୍ରୋଜେକ୍ଟର ମାଲିକ ପ୍ରତାପ ପଣ୍ଡାଙ୍କ ସମେତ ୧୦ ଜଣଙ୍କ ନାଁ ଉଲ୍ଲେଖ କରାଯାଇଛି। ପ୍ରତାପଙ୍କ ସମେତ ସୁଜାତା ପଣ୍ଡା , ସନ୍ତୋଷ ପଣ୍ଡା , ନିର୍ବାହୀ ଯନ୍ତ୍ରୀ ପ୍ରମୋଦ ନାୟକ , ସହ ନିର୍ବାହୀ ଯନ୍ତ୍ରୀ ଦିଲ୍ଲୀପ ସାହୁଙ୍କ ନାମ ଏତଲା ରହିଛି। ଏମାନଙ୍କ ଛଡା ସହକାରୀ ଯନ୍ତ୍ରୀ ଦୁର୍ଗାଚରଣ ସାହୁ , ପ୍ରୋଜେକ୍ଟ ମ୍ୟାନେଜର ନୀରଜ ଶର୍ମା , ବିପୁଳ ଚକ୍ରବର୍ତ୍ତୀ ଓ ବିରଂଚି ନାରାୟଣ ଜେନାଙ୍କ ନାମ ମଧ୍ୟ ଉକ୍ତ ଏତଲାରେ ଉଲ୍ଲେଖ କରାଯାଇଛି। ଅତିରିକ୍ତ କମିଶନର ସଂଜୟ ସିଂହଙ୍କ ତତ୍ତ୍ୱାବଧାନରେ ଏହି ମାମଲାର ତଦନ୍ତ ଚାଲିଛି।

ହାତୀ ଆକ୍ରମଣରେ ଦୁଇ ବାବାଜୀ ମୃତ

ଢେଙ୍କାନାଳ, ୮।୫ (ସକାଳ ଖବର): ଜିଲ୍ଲାର କାମାକ୍ଷାନଗର ଉପଖଣ୍ଡ ପର୍ଜଙ୍ଗ ଥାନା ଅନ୍ତର୍ଗତ ମହାବୀରରୋଡ ରେଞ୍ଜର ଡିହଢୋଳ ସେକସନ୍ ଅନ୍ତର୍ଗତ ସରାଙ୍ଗ ଠାରେ ହାତୀ ଆକ୍ରମଣରେ ଦୁଇଜଣ ବାବାଜୀଙ୍କର ମୃତ୍ୟୁ ହୋଇଥିବାର ଖବର ମିଳିଛି ।

ପ୍ରକାଶ ଯେ, ଆଜି ଭୋର୍ ପ୍ରାୟ ୫ଟା ସମୟରେ ବାବାଜୀ ପ୍ରହଲ୍ଲାଦ ବେହେରା (୩୦) ଘର ଅନ୍ଧାରୀଖୋଲ ଏବଂ ମାନସ ରଂଜନ ସାହୁ (୩୯) ଘର ବାରିହାପୁର । ଏହି ଦୁଇଜଣ ଭୋର୍ ୫ଟା ବେଳେ ସରାଙ୍ଗ ବନ୍ୟ ଜଙ୍ଗଲ ନିକଟସ୍ଥ ବ୍ରାହ୍ମଣୀ ନଦୀ କୂଳକୁ ଶୌଚ ହେବାକୁ ଯାଇଥିଲେ । ସେଠାରେ ୩୦ ରୁ ୪୦ ହାତୀ ପୂର୍ବରୁ ଥିଲାବେଳେ ବାବାଜୀ ଦୁଇଜଣ ସେମାନଙ୍କ ହାବୁଡରେ ପଡିଯାଇଥିଲେ । **(ପୃଷ୍ଠା-୭)**

ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା

ପ୍ରଥମ ଦିନରେ ୪ ବିଭାଗ

ଭୁବନେଶ୍ୱର, ୮।୫ (ସକାଳ ଖବର): ରାଜ୍ୟ ସଚିବାଳୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଥମ ଦିନରେ ୪ ବିଭାଗର ସମୀକ୍ଷା ଆଲୋଚନା କରିଛନ୍ତି । ଏହି ଉପଲକ୍ଷେ ବିଭାଗୀୟ ସଚିବଙ୍କ ସହ ସଂପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ପିଲାମାନଙ୍କର ଓଡିଆ ଓ ଇଂରାଜୀ ବିଷୟରେ ଲିଖନ ଓ ପଠନ ଦକ୍ଷତା ବୃଦ୍ଧି କରିବା ସହ ଗଣିତରେ ମୌଳିକ ଜ୍ଞାନ ବୃଦ୍ଧି ନିମନ୍ତେ ୩ ଟି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ପ୍ରାଥମିକ ସ୍ତରରେ ଉଜ୍ଜଳ , ଉଚ୍ଚପ୍ରାଥମିକ ସ୍ତରରେ ଉତଥାନ୍ ଓ ହାଇସ୍କୁଲ ସ୍ତରରେ ଉତ୍କର୍ଷ କାର୍ଯ୍ୟକ୍ରମ ମାଧ୍ୟମରେ ଓଡିଆ , ଇଂରାଜୀ , ବିଜ୍ଞାନ ଓ ଗଣିତରେ ଦକ୍ଷତା ବୃଦ୍ଧି କରାଯାଉଛି ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର ପ୍ରକାଶ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ବିଭାଗ ସମୀକ୍ଷା ପରେ ଶ୍ରୀ ପାତ୍ର କହିଛନ୍ତି ଯେ ତାଙ୍କ ବିଭାଗର ପ୍ରଦର୍ଶନରେ ମୁଖ୍ୟମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଛନ୍ତି । କେତେକ କ୍ଷେତ୍ରରେ ରହିଥିବା ତ୍ରୁଟି ସଂଶୋଧନ ପାଇଁ ସେ ପରାମର୍ଶ ଦେଇଛନ୍ତି । ବିଭାଗର ପ୍ରାୟ ୭୦ ହଜାର କୋର୍ଟ କେସ୍ ରହିଥିବା ବେଳେ ଏଗୁଡିକର ଯଥା ସମୟରେ ସହଜ ସମାଧାନ ପାଇଁ ଆଇଏଲଏମଏସ ବ୍ୟବସ୍ଥା ପ୍ରଚଳନ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ପ୍ରତ୍ୟେକ କେସ୍ କୁ ତର୍ଜମା କରାଯାଇ ସମାଧାନ କରିବା ପାଇଁ ପଦକ୍ଷେପ ନିଆଯାଉଛି । ଇତିମଧ୍ୟରେ ୨୪ ହଜାର ୮୦୭ ନିୟମିତ ପ୍ରାଥମିକ ଶିକ୍ଷକ ପଦବୀ ସୃଷ୍ଟି କରାଯାଇ ଶିକ୍ଷା ସହାୟକଙ୍କୁ ନିୟମିତ ଭାବେ ନିଯୁକ୍ତି ଦିଆଯାଇଛି। ୧୮୪୧୨ ଗଣଶିକ୍ଷକଙ୍କ ପ୍ରାଥମିକ ଶିକ୍ଷକ ଭାବେ ଅବସ୍ଥାପିତ କରାଯାଇଛି । ଶିକ୍ଷା ସହାୟକ ମାନଙ୍କ ପଦ ନାମକୁ କନିଷ୍ଠ ଶିକ୍ଷକକୁ ପରିବର୍ତନ କରାଯାଇଛି। ବ୍ଲକ୍ ଗ୍ରାଂଟ ଶିକ୍ଷକଙ୍କୁ ୨୦୧୭ ଅନୁଦାନ ନୀତି ଅନୁଯାୟୀ ପୂର୍ଣ୍ଣ ଅନୁଦାନ ପ୍ରଦାନ କରାଯାଇଛି। ରାଜ୍ୟରେ ବସବାସ କରୁଥିବା ସଂଖ୍ୟା ଲଘୁ ତେଲୁଗୁ ,ବଙ୍ଗଳା ଓ ଉର୍ଦ୍ଦୁ ଭାଷାର ପିଲାଙ୍କୁ ଶିକ୍ଷା ଯୋଗାଇ ଦେବା ସହ ଆବଶ୍ୟକ ପୁସ୍ତକ ଯୋଗାଇ ଦିଆଯାଉଛି। ଏହା ବ୍ୟତୀତ ସ୍କୁଲ ରାସନାଇଲାଇଜେସନ୍ ପଦ୍ଧତିରେ ଗୋଟିଏ କ୍ୟାମ୍ପସ୍ ରେ ବିଭିନ୍ନ ସ୍ତରର ବିଦ୍ୟାଳୟ ଗୁଡ଼ିକୁ ଏକତ୍ରୀକରଣ କରାଯାଇ ମାନବ ସମ୍ବଳର ସୁବିନିଯୋଗ କରାଯାଉଥିବାରୁ ସେ ସନ୍ତୋଷ ପ୍ରକାଶ କରିଛନ୍ତି । ମୋ ସ୍କୁଲ ଅଭିଯାନ ଯୋଜନାରେ ସାଧାରଣ ଜନତା ଓ ପୁରାତନ ଛାତ୍ରଛାତ୍ରୀଙ୍କୁ ସ୍କୁଲର ବିକାଶରେ ସଂଶ୍ଳିଷ୍ଟ କରାଯାଉଛି ବୋଲି ସେ କହିଥିଲେ । ସେହିପରି ପ୍ରାଥମିକ ଓ ଉଚ୍ଚପ୍ରାଥମିକ ସ୍ତରରେ ୧୦ ହଜାର ଛାତ୍ରଛାତ୍ରୀଙ୍କୁ ସରକାର ପ୍ରତିବର୍ଷ ୪ କୋଟି ୨୯ ଲକ୍ଷ , ଜାତୀୟ ଗ୍ରାମୀଣ ମେଧା ବୃତିରେ ୯୪୨୦ ପିଲାଙ୍କୁ ୨ କୋଟି ୮୨ ଲକ୍ଷ ଟଙ୍କା , ପଠାଣିସାମନ୍ତ ଗଣିତ ମେଧା ବୃତିରେ ୭୫୦୦ **(ପୃଷ୍ଠା-୭)**

ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ମୃତ୍ୟୁ

ପୁରୀ,୮।୫ (ସକାଳ ଖବର): ଶ୍ରୀଜୀଉଙ୍କ ଦର୍ଶନ ପାଇଁ ଆସିଥିବା ଜଣେ ଶ୍ରଦ୍ଧାଳୁଙ୍କ ଆଜି ଶ୍ରୀମନ୍ଦିର ପରିସରରେ ମୃତ୍ୟୁ ଘଟିଛି । ତାଙ୍କ ନାମ ଅଜୟ କୁମାର ଦାଶ ଏବଂ ଘର କେନ୍ଦ୍ରାପଡା ଅଂଚଳରେ ବୋଲି ଜଣାପଡିଛି । ସୂଚନା ଅନୁଯାୟୀ, ୭୫ ବର୍ଷିୟ ଅଜୟ ଆଜି ସପରିବାରେ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ ପାଇଁ ଆସିଥିଲେ । ଦର୍ଶନ ସାରି ସେ ବେଢ଼ା ପରିକ୍ରମା କରୁଥିବା ସମୟରେ ମୁଣ୍ଡ ବୁଲାଇବାରୁ ବଟ ଗଣେଷ ସନ୍ନିକଟ ବଟବୃକ୍ଷ ନିକଟରେ ଥକ୍କା ମାରି ବସି ପଡିଥିଲେ ଏବଂ ସେହି ଠାରେ ହିଁ ଟଳି ପଡିଥିଲେ । ଶ୍ରୀ ମନ୍ଦିର ପ୍ରଶାସନ ପକ୍ଷରୁ ତାଙ୍କୁ ତୁରନ୍ତ ଚିକିତ୍ସା ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରାଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।



ଭଲ ପାଇବା ଓ ଭକ୍ତି ସହିତ ଦାନ କରନ୍ତୁ

ହୁଣ୍ଡିର ଆୟ (୫.୫.୧୮)
୨,୦୪,୦୩୬

ମହାଭିଯୋଗ ପ୍ରସ୍ତାବ ଖାରଜ

ନୂଆଦିଲ୍ଲୀ, ୮।୫ : ନୂଆଦିଲ୍ଲୀ: ଆଜି ପ୍ରଧାନ ବିଚାରପତି ଜଷ୍ଟିସ ଦୀପକ ମିଶ୍ରଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ନେଇ ଜଷ୍ଟିସ ଏ.କେ. ସିକ୍ରିଙ୍କ ଅଧ୍ୟକ୍ଷତାରେ ଗଠିତ ସୁପ୍ରିମକୋର୍ଟଙ୍କ ଏକ ପାଞ୍ଚ ଜଣିଆ ସମ୍ବିଧାନ ବେଞ୍ଚ ଶୁଣାଣୀ କରିବା କରିବା ଅବସରରେ କଂଗ୍ରେସ ପକ୍ଷରୁ ଏହି ପିଟିସନକୁ ପ୍ରତ୍ୟାହାର କରି ନିଆଯାଇଛି । ବିରୋଧୀ ଦଳ ପକ୍ଷରୁ ଆଗତ ମହାଭିଯୋଗ ନୋଟିସକୁ ରାଜ୍ୟସଭା ଅଧ୍ୟକ୍ଷ ଭେଙ୍କୟା ନାଇଡୁ ଖାରଜ କରିଦେବାରୁ ଏହାକୁ ଚ୍ୟାଲେଞ୍ଜ କରି କଂଗ୍ରେସ ପକ୍ଷରୁ ଏହି ପିଟିସନ ଦାଖଲ କରାଯାଇଥିଲା । ଆଜି ସକାଳ ୧୦ଟା ୩୦ ମିନିଟରେ ମାମଲାର ଶୁଣାଣି ପାଇଁ ସମୟ ଧାର୍ଯ୍ୟ କରାଯାଇଥିଲା । କଂଗ୍ରେସ ନେତା ତଥା ବରିଷ୍ଠ ଆଇନଜୀବୀ କପିଲ ଶିବଲ ଆଜି କଂଗ୍ରେସ ପକ୍ଷରୁ ରାଜ୍ୟସଭା ଅଧ୍ୟକ୍ଷ ଶ୍ରୀ ନାଇଡୁଙ୍କ ମହାଭିଯୋଗ ପ୍ରସ୍ତାବ ଖାରଜ ପ୍ରସଙ୍ଗରେ ଯେଉଁ ଆବେଦନ ସୁପ୍ରିମ୍‌କୋର୍ଟରେ କରାଯାଇଥିଲା, ତାହାକୁ ପ୍ରତ୍ୟାହାର କରି ନେଇଛନ୍ତି । ପରିପ୍ରେକ୍ଷୀରେ ସୁପ୍ରିମ୍ କୋର୍ଟର ଏହି ସମ୍ବିଧାନ ବେଞ୍ଚ ମହାଭିଯୋଗ ସମ୍ପର୍କିତ ପିଟିସନ୍‌କୁ ଖାରଜ କରି ଦେଇଛନ୍ତି । ସୂଚନାଯୋଗ୍ୟ ଯେ ମୁଖ୍ୟ ବିଚାରପତି ଜଷ୍ଟିସ ଦୀପକ ମିଶ୍ରଙ୍କ ବିରୋଧରେ **(ପୃଷ୍ଠା-୭)**

କୁନ୍ଦୁଲି ନାବାଳିକା ଦୁଷ୍କର୍ମ ଓ ଆତ୍ମହତ୍ୟା ଘଟଣା

ଦିଲ୍ଲୀ ସ୍ଥିତ ଏସସି କମିଶନରେ ହାଜର ହେଲେ ଅଧିକାରୀ

ଭୁବନେଶ୍ୱର, ୮।୫ (ସକାଳ ଖବର): ବହୁ ଚର୍ଚ୍ଚିତ କୁନ୍ଦୁଲି ନାବାଳିକା ଗଣଦୁଷ୍କର୍ମ ଓ ଆତ୍ମହତ୍ୟା ଘଟଣାରେ ଜାତୀୟ ଏସସି କମିଶନରଙ୍କ ଠାରେ ଗୃହ ସଚିବ ଅସିତ୍ ତ୍ରିପାଠୀ , ପୋଲିସ୍ ଡିଜି ଆର ପି ଶର୍ମା ହାଜର ହୋଇଛନ୍ତି। ସେହିପରି କୋରାପୁଟ ଜିଲ୍ଲାପାଳ , କୋରାପୁଟ ଏସପି ଓ କ୍ରାଇମବ୍ରାଂଚର ଏସପି ମଧ୍ୟ କମିଶନରଙ୍କ ନିକଟରେ ହାଜର ହୋଇଛନ୍ତି। କ୍ରାଇମବ୍ରାଂଚ ଆଇଜି ଅରୁଣ ବୋଥ୍ରା ମଧ୍ୟ କମିଶନଙ୍କ ନିକଟରେ ହାଜର ହୋଇ ତଥ୍ୟ ରଖିଛନ୍ତି । କମିଶନ୍ ସେମାନଙ୍କୁ କୁନ୍ଦୁଲି ଘଟଣା ସମ୍ପର୍କରେ ପଚରାଉଚରା କରିଥିବା ଜଣାପଡିଛି।

ଜଳୁଛି ପଶ୍ଚିମ ଓଡ଼ିଶା

ଭୁବନେଶ୍ୱର, ୮।୫ (ସକାଳ ଖବର): ପୁଣି ଫେରିଲା ତାତି । ଡହ ଡହ ଖରାରେ ଜଳୁଛି ପଶ୍ଚିମ ଓଡ଼ିଶା । ଗତକାଲି ରାଜ୍ୟର ୧୧ଟି ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିଲା । ତତଲାଗଡ଼ ଭାବେ ପରିଚିତ ଟିଟିଲାଗଡ଼ରେ ଗତକାଲି ତାପମାତ୍ରା ୪୪.୮ ଡିଗ୍ରୀରେ ପହଞ୍ଚିଥିଲା । ସେହିପରି ସୋନପୁରରେ ତାପମାତ୍ରା ୪୪ ଡିଗ୍ରୀ ଛୁଇଁଥିବା ବେଳେ ଝାରସୁଗୁଡ଼ାରେ ୪୩.୮, ସମ୍ବଲପୁରରେ ୪୩, ଭବାନୀପାଟଣାରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୨.୨ ଡିଗ୍ରୀ ରେକର୍ଡ କରାଯାଇଛି । ଦିନ ୧୦ଟା ପରେ ଏସବୁ ସ୍ଥାନରେ ପଦାକୁ ବାହାରିବା ମୁସ୍କିଲ ହୋଇପଡୁଛି । ଆହୁରି ୪-୫ ଦିନ ପର୍ଯ୍ୟନ୍ତ ଏହି ଗ୍ରୀଷ୍ମ ପ୍ରବାହ ଜାରି ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ।

Printed, Published & Owned by Amit Kumar Mallick Printed at Press Webline,D-2/19 Sector, Sector-A,Zone-D, Mancheswar Industrial Estate,BBSR-751010, City Office: A/69, Unit - 3, Industrial Area, Kharvel Nagar, Bhubaneswar - 1, Ph./Fax. : (0674) 2380706, (O), E-mail address : thesakala@hotmail.com, thesakal0@gmail.com

Editor - Amit Kumar Mallick